# ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କାରଗିଲ ବିଜୟ ଦିବସ ପାଳନ ଅନୁଷ୍ଠିତ

**ଭୁବନେଶ୍ୱର, ତା.୨୬/୭:** କାରଗିଲ ବିଜୟ ଦିବସ ଉପଲକ୍ଷେ ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ଆବାହକ ଶ୍ରୀ ସୁଦର୍ଶନ ନାୟକଙ୍କ ସଂଯୋଜନା କ୍ରମେ ଲେଫ୍ଟନାଂଟ ଜେନେରାଲ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା । ଏହି ଉତ୍ସବରେ ଆଡମିରାଲ ଡଃ ସଲିଳ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷଭାବେ ଅଂଶ ଗ୍ରହଣ କରିଥିବା ୧୬ ଜଣ ଅଫିସରଙ୍କୁ ବିଜେପି ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ଉତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ମଂଚାସୀନ ଅତିଥିମାନେ ଶହୀଦ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ ।

ପାକିସ୍ଥାନ ସେନାବାହିନୀ କିପରି ଭାରତ-ପାକିସ୍ଥାନ ଏଲଓସି ବୁଝାମଣାକୁ ଉଲଘଂନ କରି ପ୍ରଚଣ୍ଡ ଶୀତ ଋତୁରେ, ଯେତେବେଳେ କି ଉଭୟ ପକ୍ଷ ନିଜ ନିଜ ଶିବିରକୁ ଫେରିଯିବା କଥା ସେତେବେଳେ ପାକିସ୍ଥାନ ସେନାବାହିନୀ ଫେରିନଯାଇ ବିଶ୍ୱାସଘାତକତା କରି ଭାରତ ସୀମା ଭିତରେ ବଂକର ନିର୍ମାଣ କରିଥିଲା । ଶୀତଋତୁରେ ଏହା ଜଣାପଡିବା ପରେ ସେମାନଙ୍କୁ ହଟାଇବ ପାଇଁ କାରଗିଲ ଯୁଦ୍ଧର ସୂତ୍ରପାତ ହୋଇଥିଲା ବୋଲି ଏହି ଅବସରରେ ଲେଫ୍‌ନାଂଟ ଜେନେରାଲ ଶ୍ରୀ ମହାନ୍ତି ଲୋମହର୍ଷକ ଚିତ୍ର ପ୍ରଦାନ କରିବା ସହ ସୂଚନା ପ୍ରଦାନ କରିଥିଲେ ।

କାରଗିଲ ଯୁଦ୍ଧରେ କିପରି ୧୨୫୦ ଜଣ ଆହତ ଯବାନମାନଙ୍କର ଦିନରାତି ଚିକିତ୍ସାକରି ସେମାନଙ୍କର ଜୀବନ ବଂଚାଇଥିଲେ ସେ ସଂପର୍କରେ ଆଡମିରାଲ ଡଃ.ମହାନ୍ତି ବର୍ଣ୍ଣନା କରିଥିଲେ । ଅନ୍ୟତମ ବକ୍ତା ଭାବେ କର୍ଣ୍ଣେଲ କେ.କେ ସାହୁ ଓ କର୍ଣ୍ଣେଲ ଅନନ୍ତ ଚରଣ ବେହେରା ମଧ୍ୟ କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥିବା ନିଜର ଅଭିଜ୍ଞତା ବିଷୟରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ କାରଗିଲ ସେକ୍ଟରରେ କାର୍ଯ୍ୟକରି ଥିବା କର୍ଣ୍ଣେଲ ଲକ୍ଷ୍ମୀଧର ପରିଡା, କର୍ଣ୍ଣେଲ ଭାବଗ୍ରାହୀ ଝଟକସିଂହ, ସୁବେଦାର ମେଜର ଏ.ଆର. ପଟ୍ଟନାୟକ, ସୁବେଦାର ଦୀନବନ୍ଧୁ ସ୍ୱାଇଁ, ସୁବେଦାର ପି.ଏଲ. ପଟ୍ଟନାୟକ, ନାଏବ୍ ସୁବେଦାର ଗୋଦାବରୀଶ ମହାପାତ୍ର, ସୁବେଦାର ପି. ଏଲ. ପଟ୍ଟନାୟକ, କର୍ଣ୍ଣଲ ଡଃ ଏଲ.ଏନ ସାହୁ, କର୍ଣ୍ଣେଲ ମୋହନ ପ୍ରସାଦ ନନ୍ଦ, ଲେଫ୍‌ନା[ କର୍ଣ୍ଣେଲ ଯୁ.କେ ମିଶ୍ର, ସୁବେଦାର ପି.କେ.ଗିରି, ସୁବେଦାର ଏସ.କେ ପଣ୍ଡା, ନାଏବ ସୁବେଦାର ଗଗନ ବିହାରୀ ଭୂୟାଁ ପ୍ରଭୃତି ସେବା ନିବୃ© ପ୍ରତିରକ୍ଷା ବିଭାଗର ଅଫିସରମାନେ ଏହି ସଭାରେ ଯୋଗ ଦେଇଥିଲେ । ସିଭିଲିଆନ୍‌ଙ୍କ ମଧ୍ୟରେ ଅଶ୍ୱିନୀ କୁମାର ଦାଶ, ପ୍ରଫେସର ଧନୁର୍ଜୟ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍, ବିଜେପି କାର୍ଯ୍ୟାଳୟ ପ୍ରଭାରୀ ଭୁବନାନନ୍ଦ ତ୍ରିପାଠୀ ଓ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ବିଜେପି ଏକ୍ସସର୍ଭିସମ୍ୟାନ୍ ସେଲ୍‌ର ସଂଯୋଜକ ସୁବେଦାର ମାନସ ସୁନ୍ଦର ଶତପଥି ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**(ବିଜେପି ମିଡିଆ ସେଲ୍)**